# ଜିଲ୍ଲା ପରିଷଦର ୫୩ତମ ସାଧାରଣ ବୈଠକ ।

## ଜଳସେଚନ,ଶିକ୍ଷା,ସ୍ୱାସ୍ଥ୍ୟ ସେବା, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ଓ କୃଷିଭିତ୍ତିକ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୨୧.୦୯: ଅନୁଗୋଳ ଜିଲ୍ଲା ପରିଷଦର ୫୩ତମ ସାଧାରଣ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସରକାରୀ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ସହିତ ଉତ୍ତମ ସମନ୍ୱୟ ରଖି ନିଜର କର୍ତ୍ତବ୍ୟ ସୂଚାରୁରୁପେ ପାଳନ କରିବାକୁ ଅଧ୍ୟକ୍ଷା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ , ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ,ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ, ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ବାଉରୀବନ୍ଧୁ ପ୍ରଧାନ ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ରଶ୍ମିତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ ଲଳିତ ମୋହନ ବେହେରା ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟାମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ । ପ୍ରାରମ୍ଭରେ ଗତ ପୂର୍ବ ସଭାର ବିବରଣୀ ପଠନ କରାଯାଇ ଏହାର ଦୃଢୀକରଣ କରାଯାଇଥିଲା । ପୂର୍ବ ସଭାରେ ନିଆଯାଇଥିବା ନିଷ୍ପତ୍ତିର ଅନୁପାଳନ ଯଥା - ଜୋନ ନଂ ୨୦ ତାଳଚେରର ସଭ୍ୟା ରିତାରାଣୀ ଦାସଙ୍କ ବିଭିନ୍ନ ଅଂଚଳରେ ପାନୀୟ ଜଳ ଯୋଗାଣ ଦାବୀ ମୁତାବକ ମହାନଦୀ କୋଇଲା ଖଣି ଦ୍ୱାରା ୧୭ ଗୋଟି ପାରିପାର୍ଶ୍ୱିକ ଗ୍ରାମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରାଯାଇଥିଲା । ଜୋନ ନଂ ୨୩ ପାଲଲହଡାର ସଭ୍ୟା ଶ୍ରୀମତୀ ସାବିତ୍ରୀ ମାଝିଙ୍କ ଦାବୀ ଅନୁଯାୟୀ ପାଉଡି ଭୁୟାଁ ଅଂଚଳରେ ସୌର ଚାଳିତ ପମ୍ପ କାର୍ଯ୍ୟକ୍ଷମ ହେଉଛି ବୋଲି ତଥ୍ୟ ଉପସ୍ଥାପନ କରାଯାଇଥିଲା । ଜୋନ ନଂ- ୨୭ ବଅଁରପାଳ ସଭ୍ୟ ଶ୍ରୀ ଗୋପାଳ ଚନ୍ଦ୍ର ନାଏକଙ୍କ ଅଭିଯୋଗ ମୁତାବକ ବେଆଇନ୍ ଭାବେ ପାନୀୟ ଜଳ ପାଇପରୁ ସଂଯୋଗ ନିଆଯାଉଥିବାରୁ ଏହାକୁ କାଟିବାକୁ ପଦକ୍ଷେପ ନିଆଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ରାମକୃଷ୍ଣ ପ୍ରଧାନଙ୍କ ଅଭିଯୋଗ ମୁତାବକ ଡେରଙ୍ଗ ଗ୍ରାମରେ ହେବାକୁ ଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି । ଛେଣ୍ଡିପଦା ବିଧାୟକ ସଂଜାମୁରା ଗାମ ପଞ୍ଚାୟତରେ ଲାଗିଥିବା ସୌର ଆଲୋକକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଥିଲେ । ଢେଙ୍କାନାଳ ସାଂସଦ ଯୁଦ୍ଧକାଳିନ ଭିତିରେ ଗ୍ରାମାଂଚଳ ପରିଦର୍ଶନ କରି ଅସୁବିଧା ସ୍ଥାନରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜୋନ ନଂ-୫ ଆଠମଲ୍ଲିକ ସଭ୍ୟା ଶ୍ରୀମତୀ ରଶ୍ମିରେଖା ମେହେର ମାଧପୁର ଖେଳ ପଡିଆରେ ପ୍ରତିଷ୍ଠା ହୋଇଥିବା ଓଭର ହେଡ୍ ଟ୍ୟାଂକର ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ବୋଲି ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନିଆଯାଇ ୧୧ଗୋଟି ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଚାଲୁଛି ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ । ବୈଠକରେ କୃଷି ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ୧୭୩୪୬୦ ହେକ୍ଟରେ ଜମିରେ ବିଭିନ୍ନ ଫସଲ କରିବାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୧୬୨୨୫୬ ହେକ୍ଟର ଜମିରେ ଫସଲ ହୋଇଥିବାର ଲକ୍ଷ୍ୟ ହାସଲ ହୋଇଛି । ଖରିଫ ୨୦୨୨ ରେ ଜଳସେଚନର ବିଭିନ୍ନ ଉତ୍ସ ବା ଆଧାରରେ କରାଯାଇଥିବା ଫସଲ ମୋଟ ୮୧୧୫୮ ହେକ୍ଟର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୭୮୪୩୯ ଲକ୍ଷ୍ୟ ହାସଲ ହୋଇଛି । ଖରିଫ

୨୦୨୨ରେ ୧୫୧୦୦ ମେଟ୍ରିକ୍ ଟନ ବିଭିନ୍ନ ସାର ପ୍ରୟୋଗ କରିବାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୮୮୭.୨୯ ମେଟ୍ରିକ୍ ଟନ୍ ଲକ୍ଷ୍ୟ ହାସଲ ହୋଇଛି । ସେହିପରି ବିହନ ଯୋଗାଣ କାର୍ଯ୍ୟକ୍ରମରେ ୮୬୦୦ କ୍ୱିଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ ପରିମାଣ ଥିବାବେଳେ ୯୭୪୯.୬୦ କ୍ୱିଣ୍ଟାଲ ବିହନ ଯୋଗାଣ ହୋଇଛି । ଏଥି ମଧ୍ୟରୁ ଡି ବି ଟି ମାଧ୍ୟମରେ ୭୯୧୫.୬ ଓ ପ୍ରଦର୍ଶନ କ୍ଷେତ୍ର ମାଧ୍ୟମରେ ୧୮୩୪ କ୍ୱିଣ୍ଟାଲ ଯୋଗାଣ ହୋଇଛି । ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନା ମାଧ୍ୟମରେ ଚଳିତ ଖରିଫ ଋତୁରେ ୧୨୭୩ଟି ମିନି କିଟ୍ ଯୋଗାଣର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ସମପରିମାଣର ମିନି କିଟ୍ ଯୋଗାଇ ଦିଆଯାଇ ଲକ୍ଷ୍ୟ ହାସଲ କରାଯାଇଛି । କୃଷି ଓ କୃଷକର ଉନ୍ନତିକଳ୍ପେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ସହ ଚାଷୀମାନଙ୍କର ଆବଶ୍ୟକତା ଓ ଭିତ୍ତିଭୂମୀକୁ ନେଇ ଯୋଜନା ପ୍ରସ୍ତୁତ କରିବାକୁ ବୈଠକରେ ସଦସ୍ୟ ସଦସ୍ୟାମାନେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାରେ ମୋଟ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ୧୧୭ଗୋଟି ଦ୍ୱାରା ୧୭୭୩୯ ହେକ୍ଟର ଜମିକୁ ଖରିଫ ଋତୁରେ ଜଳସେଚନର ବ୍ୟବସ୍ଥା କରାଯାଇଛି । ଜିଲ୍ଲାରେ ମୋଟ ୩୨୫ ଗୋଟି ଚେକ୍ ଡ୍ୟାମ୍ ଦ୍ୱାରା ୪୮୬୩ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ୧୭ଟି ନୂତନ ଚେକ୍ ଡ୍ୟାମ୍ ବିଭିନ୍ନ ବ୍ଲକରେ ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଉଅଛି । ଜିଲ୍ଲାରେ ମୃତ୍ତିକା ସରଂକ୍ଷଣ ବିଭାଗ ମାଧ୍ୟମରେ ୨୦୨୨-୨୩ ଆର୍ଥିକ ବର୍ଷରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୫୬୦ କ୍ଷେତ ପୋଖରୀ ଏବଂ ୯୨ କୂପ ଖନନ ହୋଇଅଛି । ଚଳିତ ଆର୍ଥିକ ବର୍ଷରେ ଚାଷୀମାନଙ୍କ ଦରଖାସ୍ତ ମୁତାବକ ଅଧିକ ୩୦୦ ଗୋଟି କ୍ଷେତ ପୋଖରୀ ଖନନ କରିବାର ଯୋଜନା କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୁଷ୍ଠ ରୋଗ ନିରାକରଣ କାର୍ଯ୍ୟକ୍ରମ , ମ୍ୟାଲେରିଆ ନିୟନ୍ତ୍ରଣ, ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ,ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ,ଝାଡାବାନ୍ତି ଓ ବନ୍ୟା ପରବର୍ତ୍ତି ରୋଗ ନିରାକରଣ କାର୍ଯ୍ୟକ୍ରମ ,ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ,ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମ, ଜନନୀ ସୁରକ୍ଷା ଯୋଜନା, ଏ ଆର ଟି ସେଣ୍ଟରରେ ରୋଗୀ ପଞ୍ଜିକରଣ ଓ ରକ୍ତ ଭଣ୍ଡାର ଆଦିର କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଗତ ବର୍ଷ ୧୩୮ଟି କ୍ୟାମ୍ପ କରାଯାଇ ୧୧୩୯୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଅଛି । ଆସନ୍ତା ଆର୍ଥିକ ବର୍ଷରେ ୧୬୫ଟି କ୍ୟାମ୍ପ କରାଯାଇ ୧୪୫୦୦ ୟୁନିଟ ରକ୍ତ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନୁଗୋଳ ଜିଲ୍ଲା ପାଇଁ ଆସୁଥିବା ଖାଦ୍ୟ ଶସ୍ୟ ତଥା ଚାଉଳ,ଗହମ ଓ କିରୋସିନ୍ ତେଲକୁ ବର୍ତ୍ତମାନ ୫୦୬ ଜଣ ଖୁଚୁରା ବିକ୍ରେତାଂକ ମାଧ୍ୟମରେ ଖାଉଟିମାନଙ୍କୁ ରାସନ୍ କାର୍ଡ଼ ଜରିଆରେ ବଣ୍ଟନ କରାଯାଉଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁଯାୟୀ ଜିଲ୍ଲାରେ ବର୍ତ୍ତମାନ ୨୯୪୭୦ ଜଣ ଅନ୍ତ୍ୟୋଦୟ ଅନ୍ନ ଯୋଜନା ହିତାଧିକାରୀ ଏବଂ ୨୪୩୧୯୩ ଜଣ ପି ଏଚ୍ ଏଚ୍ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରାସନ୍ କାର୍ଡ଼ ପ୍ରଦାନ କରାଯାଇଛି । ଅନ୍ତ୍ୟୋଦୟ ଅନ୍ନ ଯୋଜନା ରେ ହିତାଧିକାରୀମାନଙ୍କୁ କିଲୋପ୍ରତି ୧ ଟଙ୍କା ଦରରେ ମାସିକ ୩୫ କି.ଗ୍ରା ଚାଉଳ ଓ ପି ଏଚ୍ ଏଚ୍ ହିତାଧିକାରୀଙ୍କୁ ୧ ଟଙ୍କା ଦରରେ ମାସିକ ମୁଣ୍ଡ ପିଛା ୫ କି.ଗ୍ରା ଚାଉଳ/ଗହମ ଯୋଗାଉ ଦିଆଯାଉଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ମାସିକ ମୁଣ୍ଡ ପିଛା ୫ କି.ଗ୍ରା ଚାଉଳ/ ଗହମ ବିନା ମୁଲ୍ୟରେ ବଣ୍ଟନ କରାଯାଉଛି । ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଜିଲ୍ଲାରେ ୩୮୯୦ ଜଣ ହିତାଧିକାରୀଙ୍କୁ କିଲୋ ପ୍ରତି ୧ ଟଙ୍କା ଦରରେ ମାସିକ ମୁଣ୍ଡ ପିଛା ୫ କି.ଗ୍ରା ହାରରେ ଚାଉଳ ଯୋଗାଇ ଦିଆଯାଉଛି । ସେହିପରି ଅନ୍ନପୂର୍ଣ୍ଣା ଯୋଜନାରେ ୪୯୭ ଜଣ ହିତାଧିକାରୀଙ୍କୁ ମାସିକ ୧୦ କି.ଗ୍ରା ଚାଉଳ ବିନା ମୁଲ୍ୟରେ ଯୋଗାଇ ଦିଆଯାଉଛି । ପ୍ରାଣୀ ସମ୍ପଦ ବିଭାଗର ପ୍ରାଣୀଧନ ବୀମା ଯୋଜନାରେ ବାଡି ଅଗଣାରେ କୁକୁଡା ପାଳନ , ବ୍ୟବସାୟିକ

ଭିତ୍ତିରେ ପ୍ରାଣୀ ପାଳନ ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧ ହଜାର ବ୍ରଏଲର କୁକୁଡା ପାଳନ, ପିଞ୍ଜରା ପଦ୍ଧତିରେ ୧ ହଜାର ଅଣ୍ଡାଦିଆ କୁକୁଡା ପାଳନ, ବ୍ୟକ୍ତିଗତ ଭାବେ ୫୦୦ ବ୍ରଏଲର କୁକୁଡା ପାଳନ, ସ୍ୱ ୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଛେଳି ପାଳନ, ଘୁଷୁରୀ ପାଳନ,ବ୍ୟକ୍ତିଗତ କ୍ଷୁଦ୍ର କୁକୁଡା ଖାଦ୍ୟ ତିଆରି କାରଖାନା, ୭୫୦୦ କ୍ଷମତା ବିଶିଷ୍ଟ କ୍ଷୁଦ୍ର କୁକୁଡା ଚିଆଁ ଉତ୍ପାଦନ କେନ୍ଦ୍ର , କୁକୁଡା ଚିଆଁ ଯୋଗାଣ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା,କୃତ୍ରିମ ପ୍ରଜନନରେ ଲିଙ୍ଗ ନିରୁପିତ ଶୁକ୍ରାଣୁର ବ୍ୟବହାର,ଟୀକାକରଣ ଯୋଜନା ଓ ରିହାତି ଦରରେ ଘାସ ଚାଷ ଉପରେ ଆଲୋଚନା ହୋଇଥିଲା । ଏହାଛଡା ଏହି ବୈଠକରେ ଶିଶୁ ଓ ମହିଳା ବିକାଶ,ଗ୍ରମ୍ୟ ଉନ୍ନୟନ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପି ଏମ୍ ଜି ଏସ୍ ୱାଇ-III/ Batch –I ସମୁଦାୟ ୨୦ ପ୍ୟାକେଜ ଯଥା ୨୯ଟି ରାସ୍ତା ସମୁଦାୟ ଦୈର୍ଘ୍ୟ ୨୨୫.୮୧ କିଲୋମିଟର ହାତକୁ ନିଆଯାଇ ଅଦ୍ୟାବଧି ୧୧ଟି ରାସ୍ତା ସମ୍ପୂର୍ଣ୍ଣକରାଯାଇଛି ଓ ୧୮ଟି ରାସ୍ତା କାର୍ଯ୍ୟ ଚାଲୁରହିଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୨୦୨୧-୨୨ ଆର୍ଥିକ ବର୍ଷରେ ସମୁଦାୟ ୧୨ଟି ରାସ୍ତା ମୋଟ ଦୈର୍ଘ୍ୟ ୭୦.୮୬ କିଲୋମିଟର-୩୧୮୧.୭୭ ଲକ୍ଷ୍ୟ ଟଙ୍କାରେ ଅନୁମୋଦିତ ହୋଇ କାର୍ଯ୍ୟ ଚାଲୁଅଛି । ବିଜୁ ସେତୁ ଯୋଜନାରେ ସମୁଦାୟ ୧୬ ଗୋଟି ସେତୁ କାର୍ଯ୍ୟ ଚାଲୁଅଛି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ E-FMS ମାଧ୍ୟମରେ ସେପ୍ଟେମ୍ବର ମାସ ୧୯ ତାରିଖ ସୁଦ୍ଧା ମୋଟ ଟ.୭୧୦୪.୪୭ ଲକ୍ଷ ଖର୍ଚ୍ଚ କରାଯାଇ ୨୪୧୦୧୬୯ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି ଯାହା ମୋଟ ଆର୍ଥିକ ବର୍ଷ ଶ୍ରମ ଅଟକଳର ୭୫.୩୧ ପ୍ରତିଶତ । ଚଳିତ ଆର୍ଥିକ ବର୍ଷରେ କାମ ପାଇଁ ଆବେଦନ କରିଥିବା ସମସ୍ତ ୭୪୬୯୫ଟି ପରିବାରକୁ ଏହି ଯୋଜନାରେ କାମ ଯୋଗାଇ ଦିଆଯାଇ ତନ୍ମଧ୍ୟରୁ ୧୨୨୩ ଗୋଟି ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଛି । ମୋଟ ୧୪୫୫୨ ଗୋଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ଅମୃତ ସରୋବର ଯୋଜନାରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କର ଏହି ଯୋଜନା ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ଅନୁଗୋଳ ଜିଲ୍ଲାକୁ ୭୫ ଗୋଟି ଅମୃତ ସରୋବର ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଏହି ସରୋବର ପାଇଁ ସ୍ଥାନ ନିରୁପଣ କାର୍ଯ୍ୟ ସରିଯାଇଅଛି । ପ୍ରତ୍ୟେକ ନୂତନ ପୋଖରୀ ଖନନ କିମ୍ୱା ପୁରାତନ ପୋଖରିର ପୁର୍ନରୁଦ୍ଧାର ନିମନ୍ତେ ସର୍ବନିମ୍ନ ଏରିଆ ଏକ ଏକର ଧାର୍ଯ୍ୟ କରାଯାଇଅଛି । ଏହା ଗ୍ରାମ/ଗ୍ରାମ ପଞ୍ଚାୟତର ସ୍ୱାଧୀନତା ସଂଗ୍ରାମୀ କିମ୍ୱା ତାଂକ ପରିବାରର କୌଣସି ସଦସ୍ୟ ଓ ଗ୍ରାମର ବୟୋଜେଷ୍ଠ ବ୍ୟକ୍ତିଂକ ଦ୍ୱାରା ଉଦଘାଟନ କରାଯିବ । ପ୍ରତି ବର୍ଷ ଅଗଷ୍ଟ ୧୫ ତାରିଖ ଦିନ ଏହି ପୋଖରୀ ହୁଡାରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ଜାତୀୟ ମୋବାଇଲ ମନିଟରିଂ ସିଷ୍ଟମରେ ଭାରତ ସରକାର ଶ୍ରମିକମାନଂକ କାର୍ଯ୍ୟରେ ଉପସ୍ଥିତ ନେବା ପାଇଁ ଏହି ସିଷ୍ଟମ କାର୍ଯ୍ୟକାରୀ କରିଛନ୍ତି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ୮ ଗୋଟି ବ୍ଲକରେ ଲୋକମାନଂକର ଦୈନିକ ବ୍ୟବହାର ପାଇଁ ୧୬ ହଜାର ୧୬୨ଟି ନଳକୂପ ଥିବା ସ୍ଥଳେ ୪୯୯ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକରୁଅଛି । ଏହାଛଡା ୪ଗୋଟି ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି । ଏତଦବ୍ୟତିତ ୩୫୯ଟି ସୌରଶକ୍ତି ଚାଳିତ ନଳକୂପ କାର୍ଯ୍ୟକ୍ଷମ ଅଛି । ବସୁଧା ଯୋଜନାରେ ୫୩ଟି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ଓ ଏମ୍ ବି ଏ ଡି ସି କାର୍ଯ୍ୟକ୍ରମ ମାଧ୍ୟମରେ ୯୫ଟି ପ୍ରକଳ୍ପ ହାତକୁ ନିଆଯାଇ ସେଥିମଧ୍ୟରୁ ୯୪ଟି ସମ୍ପୁର୍ଣ୍ଣ ହୋଇଥିବା ବେଳେ ଗୋଟିଏ ର କାର୍ଯ୍ୟ ଚାଲୁଅଛି । ସେହିପରି ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ଗ୍ରାମ୍ୟ ପାଇପ୍ ଜଳ ଯୋଗାଣରେ ୬୯୨ଟି ପ୍ରକଳ୍ପ ଅନୁମୋଦନ ହୋଇ ସେଥିରୁ ୬୯୦ଟିର କାର୍ଯ୍ୟ

ଶେଷ ହୋଇ ୨ଟି କାର୍ଯ୍ୟ କ୍ଷମ ହେଉଛି । ବୃହତ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମରେ ଛେଣ୍ଡିପଦା ବ୍ଲକରେ ୩୬୮.୯୩ କୋଟି ବ୍ୟୟ ଅଟକଳରେ ଏମ୍ ସି ସି ସଂସ୍ଥା ମାଧ୍ୟମରେ ଏକ ବୃହତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆସନ୍ତା ଡିସେମ୍ବର ୨୦୨୨ ସୁଦ୍ଧା ସମାପ୍ତ ହେବ । ଏଥିରେ ସମୁଦାୟ ୪୩ଗୋଟି ଉଚ୍ଚ ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ ହେବା ପାଇଁ ହୋଇଥିବାବେଳେ ସେଥିମଧ୍ୟରୁ ୪୧ ଗୋଟି ପାଣି ଟାଙ୍କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ଶିକ୍ଷା ବିଭାଗର ଶିକ୍ଷକ ଅଭାବ ଓ ସ୍କୁଲ ଗୃହ ମରାମତି ଉପରେ ବୈଠକରେଆଲୋଚନା ହୋଇଥିଲା । ମାଗଣା ବିଦ୍ୟାଳୟ ୟୁନିଫର୍ମ ଯୋଗାଣରେ ୧୨୨୬ଟି ସ୍କୁଲର ୧୦୮୫୮୧ ଜଣ ଛାତ୍ର ଛାତ୍ରୀଙ୍କୁ ଏହା ପ୍ରଦାନ କରାଯାଇଛି । ଉଚ୍ଚ ବିଦ୍ୟାଳୟ ରୁପାନ୍ତରଣ କାର୍ଯ୍ୟକ୍ରମରେ ସମୁଦାୟ ୧୫୨ଟି ସ୍କୁଲରୁ ୧୨୯ଟି ସରକାରୀ ସ୍କୁଲ ଓ ୨୩ଟି ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସାମିଲ କରାଯାଇଛି । ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ୮ଟି ବ୍ଲକର ୭୫୨ଟି ପ୍ରାଇମେରୀ ସ୍କୁଲ ଓ ୭୧୬ଟି ଅପର ପ୍ରାଇମେରୀ ସ୍କୁଲ ଏହିପରି ୧୪୬୮ଟି ସ୍କୁଲକୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି । ଏଥିରେ ସମୁଦାୟ ୧୨୨୬୪୭ଜଣ ଛାତ୍ର ଛାତ୍ରୀ ଉପକୃତ ହେଉଛନ୍ତି । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲ୍ଲା ପରିଷଦର ପୋଗ୍ରାମ ମ୍ୟାନେଜର (ଆଇ ଟି) ଶ୍ରୀ ଶୈଳେଶ ନାଥ,ଜିଲ୍ଲା ପରିଷଦର ସଦସ୍ୟ ସଦସ୍ୟା, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୫୫୭ ତା. ୨୧.୦୯. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।


ଜିଲ୍ଲା ପରିଷଦ ଅନୁଗୋଳର
୫୩ତମ ସାଧାରଣ ବୈଠକ
ତାରିଖ - ୨୧.୦୯.୨୦୨୨
ସ୍ଥାନ : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ
realme Shot on realme 9 Pro+
2022.09.21 11:38